# Foreign Secretary’s Visit to Nepal (November 26-27, 2020)

November 23, 2020

## ବୈଦେଶିକ ସଚିବଙ୍କ ନେପାଳ ଗସ୍ତ (ନଭେମ୍ବର 26-27, 2020)

**ନଭେମ୍ବର 23, 2020**

ବୈଦେଶିକ ସଚିବ ଶ୍ରୀ ହର୍ଷ ବର୍ଦ୍ଧନ ଶ୍ରୀଙ୍ଗଲା 26-27 ନଭେମ୍ବର 2020 ରେ ନେପାଳ ଅଭିମୁଖେ ଏକ ସରକାରୀ ଗସ୍ତରେ ଯିବେ। ବୈଦେଶିକ ସଚିବ ଭାବରେ ଦାୟିତ୍ୱ ଗ୍ରହଣ କରିବା ପରେ ସେ ପ୍ରଥମଥର ନେପାଳ ଗସ୍ତରେ ଯିବେ।

ଦୁଇ ଦେଶ ମଧ୍ୟରେ ନିୟମିତ ଉଚ୍ଚ ସ୍ତରୀୟ ଆଦାନ ପ୍ରଦାନର ପରମ୍ପରା ତଥା ନେପାଳ ସହ ନିଜର ସମ୍ପର୍କକୁ ଭାରତ ଦେଉଥିବା ପ୍ରାଥମିକତାକୁ ଦୃଷ୍ଟିରେ ରଖି ଏହି ଗସ୍ତ ଆୟୋଜନ କରାଯାଇଛି। ଏହି ଗସ୍ତ କାଳରେ ବୈଦେଶିକ ସଚିବ ତାଙ୍କ ପ୍ରତିପକ୍ଷ ଏବଂ ନେପାଳର ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ଭେଟି ଦୁଇ ଦେଶ ମଧ୍ୟରେ ବ୍ୟାପକ ଦ୍ୱିପାକ୍ଷିକ ସହଯୋଗ ଉପରେ ଆଲୋଚନା କରିବେ।

ନେପାଳ ସହିତ ଭାରତର ଐତିହାସିକ ଏବଂ ସଭ୍ୟତାଗତ ସମ୍ପର୍କ ରହିଛି। ଭାରତ ସହାୟତାରେ ଅନେକ ପ୍ରମୁଖ ଭିତ୍ତିଭୂମି ଓ ସୀମାପାର ସଂଯୋଗୀକରଣ ପ୍ରକଳ୍ପ ସମାପ୍ତ ହେବା ସହିତ ଗତ କିଛି ବର୍ଷ ମଧ୍ୟରେ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସହଯୋଗ ସୁଦୃଢ ହୋଇଛି। ଏହି ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ଆଗକୁ ବଢାଇବା ପାଇଁ ଏହି ଗସ୍ତ ଏକ ସୁଯୋଗ ପ୍ରଦାନ କରିବ।

**ନୂଆଦିଲ୍ଲୀ**

**ନଭେମ୍ବର 23, 2020**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.